## ସଂକ୍ଷେପରେ

### ବାଇକ୍-ଟ୍ରାକ୍ଟର ମୁହାଁମୁହିଁ, ଜଣେ ଗୁରୁତର

ଖଜୁରିପଡ଼ା/ବଲସକୁମ୍ପା,୨।୯ (ଡି.ଏନ.ଏ.) ଖଜୁରିପଡ଼ା ଥାନା ଅନ୍ତର୍ଗତ ନବଗୁବା ଛକଠାରେ ଗୁରୁବାର ଅପରାହ୍ନରେ ଟ୍ରାକ୍ଟର ଏବଂ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଚାଳକ ରଣପାଟୁଲୀ ଗ୍ରାମର ଦେବାଶିଷ ସାହୁ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଫୁଲବାଣୀ ମେଡ଼ିକାଲକୁ ପଠାଇଥିଲେ। ସେଠାରୁ ତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଜିପିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବୁଗୁଡ଼ା,୨।୯(ଡି.ଏନ.ଏ.):ବୁଗୁଡ଼ା ବ୍ଲକରେ କାର୍ଯ୍ୟରତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ଜିପିଇଓ) କୃଷ୍ଣଚନ୍ଦ୍ର ସାହୁ ଗତ ଅଗଷ୍ଟ ୩୧ରେ ଅବସର ଗ୍ରହଣ କରିବା ପରେ ତାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ତରଫରୁ ବିଡିଓ ତନ୍ମୟ ପାତ୍ର ଅବସରଗ୍ରହଣ କରିଥିବା ଜିପିଇଓଙ୍କୁ ଉପଢ଼ୌକନ ପ୍ରଦାନ ପୂର୍ବକ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେହିପରି ବ୍ଲକର ସରପଞ୍ଚ ଓ ସମିତିସଭ୍ୟମାନଙ୍କ ତରଫରୁ ନିକଟସ୍ଥ ବାଙ୍କେଶ୍ୱରୀ ମନ୍ଦିରରେ ଅନୁଷ୍ଠିତ ଏକ ଉତ୍ସବରେ ଜିପିଇଓ ସାହୁଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ଲକ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ତରଫରୁ ମଧ ସଭାପତି ବାଳକୃଷ୍ଣ ଜେନା, ସମ୍ପାଦକ ଗଜେନ୍ଦ୍ର ସାମନ୍ତରା ଓ ଅନ୍ୟାନ୍ୟ ପିଇଓଙ୍କ ଉପସ୍ଥିତିରେ ଜିପିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ଧରାକୋଟରେ ବିଦ୍ୟୁତ୍, ମୋବାଇଲ ନେଟୱର୍କ ବିଭ୍ରାଟ

ଧରାକୋଟ,୨।୯(ଡି.ଏନ୍.ଏ.): ଧରାକୋଟରେ ବିଦ୍ୟୁତ୍ ଓ ମୋବାଇଲ ନେଟୱର୍କ ବିଭ୍ରାଟ ଲାଗି ରହୁଛି। ୪ ଫିଡର୍ ଯୋଗେ ପ୍ରାୟ ଦଶହଜାର ଗ୍ରାହକଙ୍କୁ ବିଜୁଳି ସେବା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ତେବେ ସୀମିତ କର୍ମଚାରୀ କାରଣରୁ ଏତେ ବଡ଼ ଅଞ୍ଚଳକୁ ବିଦ୍ୟୁତ ସେବା ଯୋଗାଇବାରେ ବ୍ୟାଘାତ ଘଟୁଛି। ଏପଟେ ସାଧାରଣ ଲୋକ ଅସନ୍ତୋଷ ଜାହିର କରୁଛନ୍ତି। ଅନ୍ୟପକ୍ଷରେ ସଂପ୍ରତି ବିଦ୍ୟୁତ ସେବାକୁ ସରକାର ଟାଟା କମ୍ପାନୀକୁ ହସ୍ତାନ୍ତର କରିଥିବାରୁ ୟୁନିଟ ପିଛା କମ୍ପାନୀର ଦରବୃଦ୍ଧି ଗ୍ରାହକଙ୍କୁ ଶୋଷଣ କରୁଛି। ଏବେ ସମସ୍ତ କାର୍ଯ୍ୟ ଅନ୍‌ଲାଇନ୍ ମାଧ୍ୟମରେ କରାଯାଉଥିବା ବେଳେ ବିଦ୍ୟୁତ ଓ ମୋବାଇଲ ନେଟୱର୍କର ଆବଶ୍ୟକତା ବଢୁଛି। କୋଭିଡ ଯୋଗୁ ଛାତ୍ରୀଛାତ୍ରଙ୍କର ଅନଲାଇନ୍ ଶିକ୍ଷା ଓ ଚାଷୀଙ୍କର ପଞ୍ଜୀକରଣଠୁ ଆରମ୍ଭ କରି ଆଧାର କାର୍ଡ ସହ ବ୍ୟାଙ୍କ ଖାତାର ସଂଯୋଗୀକରଣ ଜନସେବା କେନ୍ଦ୍ରର ସମସ୍ତ କାର୍ଯ୍ୟ ଅନ୍‌ଲାଇନରେ କରାଯାଉଥିବା ବେଳେ ମୋବାଇଲ୍ ଓ ଇଣ୍ଟରନେଟ ସେବା ଯୋଗାଉଥିବା ବିଭିନ୍ନ କମ୍ପାନୀ ଓ ବିଜୁଳି ବିଭାଗ ଖେଳ ଖେଳୁଛନ୍ତି। ବିଦ୍ୟୁତ ଚାଲିଗଲେ ଟାୱାର କାର୍ଯ୍ୟକରୁ ନାହିଁ। ଆରମ୍ଭରୁ ଜେନେରଟର ଓ ବ୍ୟାଟେରୀ ଯୋଗାଇ ଦିଆଯାଇଥିଲେ ମଧ ଏହା ଖରାପ ହୋଇଗଲାଣି। ମୋବାଇଲ ଟାୱାର ପ୍ରତିଷ୍ଠା ସମୟରେ ଯେତିକି ଗ୍ରାହକଥିଲେ ବର୍ତ୍ତମାନ ଏଥିରେ ଯଥେଷ୍ଟ ବୃଦ୍ଧି ଘଟିଛି। ଟାୱାରର କୌଣସି ଯନ୍ତ୍ରାଂଶ ଖରାପ ହେଲେ ବିଭାଗୀୟ ଅଧିକାରୀଙ୍କୁ ଏହାର ମରାମତି ଓ ଶକ୍ତି ବୃଦ୍ଧି ସଂପର୍କରେ ଲିଖିତ ଅଭିଯୋଗ କଲେ ମଧ କେହି ଦୃଷ୍ଟି ଦେଉନାହାନ୍ତି। ବିଶେଷ କରି ଜିଓ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାହକ ସେବାକୁ ଗୁରୁତ୍ୱର ସହ ବିଚାରକୁ ନେଇ ଉଚ୍ଚ କ୍ଷମତା ସମ୍ପନ୍ନ ଟାୱାର୍ ନବିକରଣ ପାଇଁ ଉପଭୋକ୍ତା ଦାବି କରିଛନ୍ତି।

# ଡେପୁଟେଶନକୁ ନେଇ ବଢୁଛି ଅସନ୍ତୋଷ

ଫୁଲବାଣୀ ଅଫିସ, ୨।୯



ଜିଲା ମୁଖ୍ୟ ଚିକିତ୍ସାଳୟ।

■ ଫୁଲବାଣୀ, ବାଲିଗୁଡ଼ା ଚିକିତ୍ସାଳୟ
■ ନିଯୁକ୍ତି ପରେ ଆଦେଶ ବାତିଲ

କନ୍ଧମାଳ ଜିଲାରେ ରୋଗୀ ସେବା ବିପର୍ଯ୍ୟସ୍ତ। ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ସବୁବେଳେ ଲାଗି ରହୁଛି ଡାକ୍ତରଙ୍କ ଅଭାବ। ବାରମ୍ବାର ଦାବି ପରେ ସରକାର ନିଯୁକ୍ତି ଦେଉଛନ୍ତି। ହେଲେ ଏହାର ଭିତିରି ରହସ୍ୟକୁ ଭେଦ କରି ହେଉନାହିଁ। ସରକାରଙ୍କ ଅଜବ ଡାକ୍ତରୀ ନିଯୁକ୍ତିକୁ ନେଇ ଏବେ ଉଠିଛି ପ୍ରଶ୍ନ। କାଗଜ କଲମରେ ପଦବୀ ପୂରଣ କରାଯାଉଛି, ମାତ୍ର ବାସ୍ତବ ଚିତ୍ର ଅଲଗା। ନିଯୁକ୍ତି ପାଉଥିବା ଡାକ୍ତର ଏଠାରେ ରହୁନାହାନ୍ତି। ଅନ୍ୟ ମେଡିକାଲରେ କାମ କରୁଛନ୍ତି। ଫଳରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡୁଛି। ଗୋଟିଏ ସ୍ଥାନରେ ନିଯୁକ୍ତି ଦେଇ, ରାତାରାତି ଅନ୍ୟ ସ୍ଥାନକୁ ଡେପୁଟେଶନରେ ପଠାଇ ଦେଉଛନ୍ତି। ୨୪ ଘଣ୍ଟା ମଧ୍ୟରେ ସରକାର ନିଷ୍ପତ୍ତି ବଦଳେଇ ଦେଉଥିବା ନୂତନ ଆଦେଶକୁ କନ୍ଧମାଳବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ସରକାରଙ୍କ ଏଭଳି ଦୋମୁହାଁ ନୀତି ଯୋଗୁ ମେଡିକାଲ ପ୍ରଶାସନ ଖାଲି ଚିଠି ଲେଖି ବସିବାକୁ ବାଧ ହେଉଛି।

ସରକାର ଡାକ୍ତର ଓ ବିଶେଷଜ୍ଞଙ୍କୁ ନିଯୁକ୍ତି ଦେଉଛନ୍ତି। ପର ମୁହୂର୍ତ୍ତରେ ତାହାକୁ ବଦଳାଇ ଦେଉଛନ୍ତି। ଅର୍ଥାତ ଅନ୍ୟ ସ୍ଥାନକୁ ଡେପୁଟେଶନରେ ପଠାଇବାକୁ ନିର୍ଦ୍ଦେଶନାମା ଜାରି କରୁଛନ୍ତି। ବୁଝିବାକୁ ଗଲେ ସରକାର ମୂଳ ନିଯୁକ୍ତି କନ୍ଧମାଳରେ କଲେ, ମାତ୍ର ସେବା ଅନ୍ୟ ମେଡିକାଲରେ ଯୋଗାଇଲେ। ଏହାର ବିପରୀତ ଦିଗ ହେଲା ପୂରଣ ହେଉଛି ପଦବୀ, ରହୁ ନାହାନ୍ତି ଡାକ୍ତର। ସେହିପରି କେତେକ ଡାକ୍ତର ନିଯୁକ୍ତି ପାଇଲା ପରେ ବି ଏଠାରେ ଯୋଗ ଦେଉ ନାହାନ୍ତି। କଳେବଳେ କୌଶଳେ ସେମାନେ ଡେପୁଟେଶନରେ ଯାଉଛନ୍ତି। ଜୁଲାଇ ୫ ରେ ଶିଶୁ ରୋଗ ବିଶେଷଜ୍ଞ ସୁମିତ କୁମାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଯୋଗଦେଲେ। ହେଲେ ୭ ତାରିଖରେ ସରକାର ତାଙ୍କୁ ବୁର୍ଲା ଭିମ୍‌ସାର ମେଡିକାଲକୁ ଡେପୁଟେଶନ ପାଇଁ ଆଦେଶ ଦେଲେ। ୧୨ ତାରିଖରେ ସେ ଏଠାରୁ ଚାଲିଗଲେ। କିନ୍ତୁ ପଦବୀ ପୂରଣରହିଲା ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ବିବେକାନନ୍ଦ ରଥ ସେହି ୫ ତାରିଖରେ ଆସି କାର୍ଯ୍ୟରେ ଯୋଗଦେଲେ। ସେହିଦିନ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ଡେପୁଟେଶନରେ ପଠାଇଦେଲେ। ସେହିପରି ରେଡିଓଲୋଜି ବିଶେଷଜ୍ଞ ସତ୍ୟେନ୍ଦ୍ର ମହାପାତ୍ରଙ୍କୁ ୭ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସରକାର ନିଯୁକ୍ତି ଦେଲେ। ମାତ୍ର କିଛି ସମୟ ପରେ ତାଙ୍କର ନିଯୁକ୍ତି ଆଦେଶ ବାତିଲ କରାଯାଇ ଯାଜପୁର ପଠାଇ ଦିଆଗଲା।

ଅନୁରୂପ ଭାବେ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ କଥା ଦେଖିଲେ ବି ସମାନ ଅବସ୍ଥା। ସରକାର ୪ ଜଣ ଡାକ୍ତରଙ୍କୁ ନିଯୁକ୍ତି ଆଦେଶ ଦେଲେ। ସେମାନଙ୍କ ମଧ୍ୟରୁ ଜଣେ ଯୋଗଦେଇ ଡେପୁଟେଶନରେ ଚାଲି ଯାଇଥିବା ବେଳେ ଅନ୍ୟ ୩ ଜଣ ଆଜି ପର୍ଯ୍ୟନ୍ତ ଯୋଗଦେଇ ନାହାନ୍ତି। ଡା.ମନ୍ମୟ କୁମାର ସାମନ୍ତସିଂହାର ଯୋଗଦେଇ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ଯାଇଛନ୍ତି। ଡା.ସତ୍ୟଜିତ୍ ପାର୍ଚି, ଡା.ଶ୍ରୀଧର ମହାନ୍ତି ଓ ଡା.ପ୍ରଶାନ୍ତ କୁମାର ଦାସ ଆଜି ପର୍ଯ୍ୟନ୍ତ ଯୋଗ ଦେଇନାହାନ୍ତି। ଡା.ପାର୍ଚି ଏବଂ ମହାନ୍ତି ଏମ୍‌କେସିଜି ବ୍ରହ୍ମପୁର ଏବଂ ଡା.ଦାସଙ୍କୁ ଭିମ୍‌ସାର ସମ୍ବଲପୁରକୁ ସରକାର ଡେପୁଟେଶନରେ ଯିବାକୁ ଆଦେଶ ଦେଇଥିବା ଜଣାପଡିଛି। ଫଳରେ କାଗଜ କଲମରେ ପଦବୀ ପୂରଣ ହେଲା, ହେଲେ ଡାକ୍ତର ରହିଲେ ନାହିଁକିଆସିଲେ ନାହିଁ। ପୂର୍ବରୁ ଏହି ମେଡିକାଲରେ କାମ କରୁଥିବା ମାତ୍ର ୩ ଜଣ ଡାକ୍ତରଙ୍କ ମଧ୍ୟରୁ ଜଣେ ଡା.ସୌମେନ ସାର୍ଥକ ମହାନ୍ତିଙ୍କୁ ସରକାର ସୁନ୍ଦରଗଡ ବଦଳି କରିଛନ୍ତି। ତେଣୁ ରୋଗୀସେବା ଏଠାରେ କିପରି ଚାଲିଥିବ ତାହା ସହଜେ ଅନୁମେୟ। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୋଟ ୬୯ ଡାକ୍ତର ପଦବୀ ରହିଛି। ସେଥିରୁ କାଗଜପତ୍ରରେ ରହିଛନ୍ତି ୪୩ ଜଣ ଡାକ୍ତର। ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ମୋଟ ୨୩ ଡାକ୍ତରୀ ପଦବୀ ରହିଛି। ବର୍ତ୍ତମାନ ୩ ଜଣ କାର୍ଯ୍ୟରତ। ବଦଳି ହୋଇଥିବା ଡା. ମହାନ୍ତି ନୂତନ ସ୍ଥାନକୁ ଯାଇନାହାନ୍ତି। କୌଣସି ସମୟରେ ସେ ଚାଲିଯିବେ। ଜିଲାରେ ବଡ ସମସ୍ୟା ହେଲା ବିଶେଷଜ୍ଞଙ୍କ ଅଭାବ। ମୁଖ୍ୟ ଚିକିତ୍ସାଳୟରେ ୨୩ ବିଶେଷଜ୍ଞ ପଦବୀ ମଧ୍ୟରୁ ୧୩ ପଦବୀ ଖାଲି ପଡିଛି। ଭେଷଜ ବିଭାଗରେ ୩, ଶଲ୍ୟ ବିଭାଗରେ ୨, ନିଶ୍ଚେତକ ବିଭାଗରେ ୧, ସ୍ତ୍ରୀ ଓ ପ୍ରସୂତି ବିଭାଗରେ ୩, ଶିଶୁ ବିଭାଗରେ ୨, ଅସ୍ଥିଶଲ୍ୟ ଓ ରେଡିଓଲୋଜି ବିଭାଗରେ କେହି ବିଶେଷଜ୍ଞ ନାହାନ୍ତି। ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରେଡିଓଲୋଜି ବିଭାଗ ବିଶେଷଜ୍ଞ ପଦବୀ ଖାଲି ପଡିଛି। ଜିଲାରେ ମୋଟ ୨୮୫ ଡାକ୍ତର ପଦବୀରୁ ୧୬୪ ଥିବା ଦର୍ଶଯାଉଛି।

## ଶାଗୁଆନ ପଟା ସହ ଅଟୋ ଜବତ

ଭଞ୍ଜନଗର,୨।୯(ଡି.ଏନ.ଏ)

ମୁଜାଗଡ଼ ରେଞ୍ଜ ଅନ୍ତର୍ଗତ ବେଣାକୁନ୍ଦା ଛକରୁ ବନ କର୍ମଚାରୀ ଗୁରୁବାର ୨ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଯୋଗେନ୍ଦ୍ର ସ୍ୱାଇଁ ଓ ଗୋପିନାଥ ସ୍ୱାଇଁ। ଅଭିଯୁକ୍ତମାନେ ଅଟୋରେ ୧୩ ଖଣ୍ଡ ଶାଗୁଆନ ପଟା ଚାଲାଣ କରୁଥିଲେ। ଚଢ଼ାଉରେ ବନପାଳ ବଂଶୀଧର ବିଷୋୟୀ, ବନରକ୍ଷୀ ଦିନବନ୍ଧୁ ମିଶ୍ର, ଗାୟତ୍ରୀ ଦାସ ପ୍ରମୁଖ ସାମିଲ ଥିଲେ।

## ଚୋରା ମଦ କାରବାର, ୪ ଗିରଫ

ଭଞ୍ଜନଗର,୨।୯(ଡି.ଏନ.ଏ)

ଚୋରା ମଦ କାରବାର ଅଭିଯୋଗରେ ଗୁରୁବାର ଭଞ୍ଜନଗର ଅବକାରୀ ବିଭାଗ ପକ୍ଷରୁ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୨୦୫ ଲିଟର ଦେଶୀ ମଦ ଜବତ କରାଯାଇଛି। ୪୨୦୦ ଲିଟର ପୋଚ ନଷ୍ଟ କରାଯାଇଛି। ନାହାଡୋଟାସାହି, ବଡ଼ ମରାଠି ସାହି, ବିରିପଦର, ମୁଜାଗଡ଼, ଭାଲୁଆଗୁଡ଼ା, ନନ୍ଦିନୀ ପଲ୍ଲୀ ଗ୍ରାମରେ ଏହି ଚଢ଼ାଉ ହୋଇଥିଲା। ଭଞ୍ଜନଗର ଅବକାରୀ ଅଧିକାରୀ ରମ୍ଭା ବାଗ୍, ଏସ୍‌ଆଇ ସୁଦର୍ଶନ ବିଷୋୟୀ ପ୍ରମୁଖ ଚଢ଼ାଉର ନେତୃତ୍ୱ ନେଇଥିଲେ।

# ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ପାଇଁ ପରାମର୍ଶ

ଗଞ୍ଜାମ,୨।୯(ଡି.ଏନ.ଏ.)

ପୋତାଗଡ଼ ପରିଦର୍ଶନ କଲେ ଜିଲାପାଳ



ପୋତାଗଡ଼ ପରିଦର୍ଶନ କରୁଛନ୍ତି ଜିଲାପାଳ ଓ ଅନ୍ୟ ଅଧିକାରୀ।

ଗଞ୍ଜାମ ସହରରେ ଥିବା ଐତିହାସିକ ପୋତାଗଡ଼ ଦୁର୍ଗ ଗୁରୁବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପରିଦର୍ଶନ କରିଛନ୍ତି। ପୋତାଗଡ଼ ଦୁର୍ଗର ସୌନ୍ଦର୍ଯ୍ୟକରଣ କରି ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଗଣିତ କରିବା ନିମନ୍ତେ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଆସୁଥିବା ବେଳେ କରୋନା ମହାମାରୀ ପାଇଁ କିଛି ମାସ ହେଲା କାମ ବନ୍ଦ ରହିଥିଲା। ପୂର୍ବରୁ ପ୍ରସ୍ତୁତ ହୋଇଥିବା ବ୍ଲୁ ପ୍ରିଣ୍ଟ ଅନୁଯାୟୀ ଡିଜାଇନ କରାଯିବ। ଏଥିସହ ଖୁବଶୀଘ୍ର କାମ ଆରମ୍ଭ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏଠାରେ ଫୁଡ ପ୍ଲାଜା, ପାର୍କ, ଆକର୍ଷଣୀୟ ମୁଖ୍ୟ ଫାଟକ, ବୋଟିଂ କ୍ଲବ ଆଦି ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖିଛି ଜିଲା ପ୍ରଶାସନ। ପୋତାଗଡ଼ ଦୁର୍ଗ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହେବାକୁ ଥିବା ହେତୁ କୌଣସି ପର୍ଯ୍ୟଟକଙ୍କୁ ଭିତରକୁ ଯିବାକୁ ବାରଣ ରହିଛି। ଜିଲାରେ ଏକ ନମ୍ବର ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଗଣିତ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଜିଲାପାଳଙ୍କ ଦୁର୍ଗ ପରିଦର୍ଶନ ବେଳେ ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ସ୍ଥାନୀୟ ତହସିଲ,ଏନ୍‌ଏସି ପ୍ରଶାସନ, ଗ୍ରାସୀମ କମ୍ପାନୀ ଡିଜିଏମ୍ ରବୀନ୍ଦ୍ର କୁମାର ମହାନ୍ତି, ସୁଧୀର କୁମାର ପାଢ଼ୀ ଓ ରାକେଶ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ନିଯୁକ୍ତି ମେଳା

ବେଗୁନିଆପଡ଼ା,୨।୯ (ଡି.ଏନ.ଏ.)

ଗଞ୍ଜାମ ଜିଲା ବେଗୁନିଆପଡା ବ୍ଲକ ସୁମଣ୍ଡଳ ପଞ୍ଚାୟତ ପରିସରରେ ଗୁରୁବାର ଦୀନ ଦୟାଲ ଉପଧ୍ୟାୟ ଗ୍ରାମୀଣ କର୍ମ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବେଗୁନିଆପଡ଼ା ବିଡିଓ ବେଦବର ପ୍ରଧାନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସୁମଣ୍ଡଳ, ବଡ ଖଇରଖମା, ଶାଙ୍କୁଡ଼ା ଓ ବୁରୁଝରି ପଞ୍ଚାୟତର ୧୪୪ ଛାତ୍ରୀଛାତ୍ର ଉପସ୍ଥିତ ଥିବା ବେଳେ ୧୧୯ ଛାତ୍ରୀଛାତ୍ର ଚୟନ ହୋଇଥିଲେ। ଏଥିରେ ୮ କମ୍ପାନୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଜୀବିକା ମିଶନ ପ୍ରୋଜେକ୍ଟ ମ୍ୟାନେଜର ଜ୍ଞାନ ରଞ୍ଜନ ରାଉତ, ସଂଯୋଜକ ଦେବରାଜ ବେହେରାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ବନ୍ଧୁକ ଜବତ, ୨ ଶିକାରୀ ଗିରଫ



ଜବତ ବନ୍ଧୁକ ସହ ଗିରଫ ୨ ଅଭିଯୁକ୍ତ।

ଭଞ୍ଜନଗର/ଜଗନ୍ନାଥପ୍ରସାଦ, ୨।୯(ଡି.ଏନ.ଏ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଜଗନ୍ନାଥପ୍ରସାଦ ରେଞ୍ଜ ସଂରକ୍ଷିତ ଜଙ୍ଗଲ ଭାଗ ୬ରୁ ବୁଧବାର ରାତିରେ ବନ କର୍ମଚାରୀ ୨ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଜଗନ୍ନାଥପ୍ରସାଦର ସନ୍ତୋଷ ବେହେରା ଓ ଆଙ୍କୁଲକୁମ୍ପାର ଜଳନ୍ଧର ଜାନି। ଉଭୟଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଦିଆସିଲି, ହେଡ୍ ଲାଇଟ୍ ଓ ବାରୁଦ ଜବତ କରାଯାଇଛି। ସନ୍ତୋଷ ଓ ଜଳନ୍ଧର ଅରୁଣାଞ୍ଚଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିକଟରେ ରାତିରେ ବନ୍ୟଜନ୍ତୁ ଶିକାର ପାଇଁ ବନ୍ଧୁକ ଧରି ଘୂରି ବୁଲୁଥିଲେ। ଡିଏଫଓ ଅଭୟ କୁମାର ଦଳେଇଙ୍କ ପାଖରେ ଏହି ଖବର ପହଞ୍ଚିବା ପରେ ଆବଶ୍ୟକ ପଦକ୍ଷେପ ନେବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରେଞ୍ଜର ଉମାକାନ୍ତ ଦାସ, ବନପାଳ ଇଶୁଆ ଗଣେଶ, ବନରକ୍ଷୀ ବିଦ୍ୟୁତଲତା ତ୍ରିପାଠୀ, ସଞ୍ଜିବ ଗନ୍ତାୟତ, ଲମ୍ବୋଧର ଗୌଡ଼ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିବା ଏସିଏଫ୍ ସୁଦର୍ଶନ ବାଦୀ କହିଛନ୍ତି।

# ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା ଚୟନ

ଫୁଲବାଣୀ ଅଫିସ, ୨।୯

କନ୍ଧମାଳ ଜିଲା ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ଚୟନ ହୋଇଛନ୍ତି। ଆସନ୍ତା ୨ ବର୍ଷ ପାଇଁ ସୁନିଲ କୁମାର ପଟ୍ଟନାୟକ ସଭାପତି ଏବଂ ପ୍ରଶାନ୍ତ କୁମାର ବେହେରା ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ଅଶୋକ କୁମାର ପରିଡା, ଉପ ସଭାପତି ସୁନିଲ ବିଶ୍ୱାଳ ଓ ସତ୍ୟନାରାୟଣ ବେହେରା, ସହ ସମ୍ପାଦକ ଭାବେ ରମେଶ ପ୍ରଧାନଙ୍କୁ ଚୟନ କରାଯାଇଛି। କାର୍ଯ୍ୟକାରୀ ସଦସ୍ୟ ଭାବେ ବରିଷ୍ଠ ସାମ୍ବାଦିକ ଶିବପ୍ରସାଦ ତ୍ରିପାଠୀ, ଅଜିତ କୁମାର ମହାରଣା, ବ୍ରଜବିହାରୀ ନନ୍ଦ, ଶିବାନନ୍ଦ ପଟ୍ଟନାୟକ, ମୁସ୍କାନ ସୁଆର, ଅଶୋକ ମହାନ୍ତି ପ୍ରମୁଖ ମନୋନୀତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ସାମ୍ବାଦିକ ସୁବାସଚନ୍ଦ୍ର ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ କେତେଜଣ ପ୍ରତିନିଧିଙ୍କୁ ନୂତନ ସଦସ୍ୟ ଭାବେ ଗ୍ରହଣ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ଡ.ଅରୁପ କୁମାର ଜେନା, ବିଜୟ ମହାନ୍ତି, ଗୋପାଳକୃଷ୍ଣ ପଟ୍ଟନାୟକଙ୍କୁ ଅନୁଷ୍ଠାନର ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ସାମ୍ବାଦିକମାନଙ୍କ ବୃତିଗତ ସୁରକ୍ଷାକୁ ଗୁରୁତ୍ୱ ଦେବା ସହ ପ୍ରେସ କ୍ଲବର ଉନ୍ନତି ଦିଗରେ ନୂତକ କର୍ମକର୍ତ୍ତମାନେ କାର୍ଯ୍ୟ କରିବେ ବୋଲି ସଭାପତି ପଟ୍ଟନାୟକ ପ୍ରକାଶ କରିଛନ୍ତି।

## ସାପ କାମୁଡ଼ାରେ ମହିଳା ମୃତ

କୁକୁଡ଼ାଖଣ୍ଡି,୨।୯

କୁକୁଡ଼ାଖଣ୍ଡି ବ୍ଲକ ବୋରିଗାଁ ପଞ୍ଚାୟତ ମହୁଲପଲ୍ଲୀ ଗ୍ରାମ ଆଡୁଆ ସାହିରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଶାଖା ମାଙ୍ଗାଆମ୍ମ। ଗୁରୁବାର ସକାଳେ ସେ ନିଜ ଘରେ କାମ କରୁଥିବା ବେଳେ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ନେଇଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଘର ଭିତରୁ ନାଗ ସାପକୁ ସ୍ନେକ୍ ହେଲପ୍ ଲାଇନର କୃଷ୍ଣ ବାବୁ ଉଦ୍ଧାର କରିଥିଲେ।

## ଅଗ୍ନିବିପନ୍ନଙ୍କୁ ଜିଲା ବିଜେଡିର ସହାୟତା

ପାରଳାଖେମୁଣ୍ଡି,୨।୯(ଡି.ଏନ.ଏ)

ଗଜପତି ଜିଲା ଗୋଷାଣି ବ୍ଲକ ଗୁରାଣ୍ଡି ପଞ୍ଚାୟତର ଗୁରାଣ୍ଡି ଗ୍ରାମ ପାଲିଆ ସାହିରେ ଗତ ମଙ୍ଗଳବାର ୪ ଘରପୋଡି ପାଉଁଶ ହୋଇଥିଲା। ଜିଲା ବିଜେଡି ତରଫରୁ ଅଗ୍ନିବିପନ୍ନଙ୍କୁ ସହାୟତା କରାଯାଇଛି। ବିଜେଡି ଜିଲା ସଭାପତି ପ୍ରଦୀପ ନାୟକ, ଗଜପତି ରାଜକୁମାରୀ କଲ୍ୟାଣି ଗଜପତି, ଯୁବ ସଭାପତି ଏସ. ଲିଙ୍ଗରାଜ, ଏମ୍‌ପି ପ୍ରତିନିଧି ବାଲା ଧନଞ୍ଜୟ ପ୍ରମୁଖ ଅଗ୍ନି ବିପନ୍ନ ପରିବାରଙ୍କ ସହ ଆଲୋଚନା କରବା ସହ ଦଳ ତରଫରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ। ସରକାରୀ ସାହାଯ୍ୟ ପାଇଁ ବିଭାଗୀୟ ଅଧିକାରୀମାନଙ୍କ ସହ ମଧ ଆଲୋଚନା କରଛନ୍ତି।

# ଗଜପତିରେ ଟିକା ନେଉଛନ୍ତି ଗଞ୍ଜାମ ଲୋକ

ଆର.ଉଦୟଗିରି,୨।୯(ଡି.ଏନ.ଏ.)

ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭିଡ଼



ଟିକା ପାଇଁ ଲମ୍ବା ଧାଡ଼ି।

ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନାର ପ୍ରଥମ ଓ ଦ୍ୱିତୀୟ ଡୋଜ ଟିକା ଦିଆଯାଉଛି। ପ୍ରତ୍ୟେକ ଦିନ ୩୦୦ରୁ ଊର୍ଦ୍ଧ୍ୱ ଲୋକ ଟିକା ନେଉଛନ୍ତି। ମୋହନା ବ୍ଲକର ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକେ ସକାଳୁ ଚାଷ କାମକୁ ଯାଇ ପର୍ବାହ୍ନ ୧୧ଟାରୁ ୧୨ଟା ମଧ୍ୟରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିବା ବେଳକୁ ଟିକା ସରିଯାଇଥାଏ। କାରଣ ଏଠାକୁ ୪୫ରୁ ୫୦ କି.ମି. ଦୂର ପଡ଼ୋଶୀ ଜିଲା ଗଞ୍ଜାମର ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକ ଅଞ୍ଚଳରୁ ପ୍ରତ୍ୟେକ ଦିନ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଆସି ଟିକା ନେଉଛନ୍ତି। ୩ ଦିନ ମଧ୍ୟରେ ୧୫ ଶହରୁ ଊର୍ଦ୍ଧ୍ୱ ଲୋକେ ଏଠାରେ ଟିକା ନେଇଛନ୍ତି। ମଙ୍ଗଳବାର ସକାଳ ପ୍ରାୟ ୮ଟାରୁ ଲମ୍ବା ଧାଡିରେ ଗଞ୍ଜାମର ସୁଣ୍ଡିପଲି, ନୂଆସାହି ଓ ଅନ୍ୟାନ୍ୟ ଗ୍ରାମର ୨ ଶହରୁ ଊର୍ଦ୍ଧ୍ୱ ଲୋକ ପରିବାର ସହ ଆସିଥିଲେ। ଏହା ଜାଣିବା ପରେ ମୋହନା ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀଣି ଡ଼.ନମିତା ପଣ୍ଡା ଓ ମେଡିକାଲ ପ୍ରୋଜେକ୍ଟ ମ୍ୟାନେଜର ବାହାର ଜିଲା ଲୋକଙ୍କୁ ଟିକା ନ ନ ଦେବାକୁ କହିଥିଲେ। କାରଣ ସେମାନେ ପ୍ରଥମ ଡୋଜ ନେବା ପରେ ଦ୍ୱିତୀୟ ଡୋଜ୍ ନେବାକୁ ଜିଲାକୁ ଆସୁନାହାନ୍ତି। ଏପଟେ ମୋହନା ଅଞ୍ଚଳର ଲୋକେ ଟିକା ପାଇ ପାରୁନାହାନ୍ତି। ଟିକା ନ ପାଇବାରୁ ଗଞ୍ଜାମରୁ ଆସିଥିବା ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଯାଇଥିଲା। ସେମାନେ ବିଡିଓଙ୍କୁ ଦେଖା କରିବାକୁ ଯାଇଥିଲେ। ଅନ୍ୟପକ୍ଷରେ ଏ ନେଇ ସାନଖେମୁଣ୍ଡି ବିଡିଓଙ୍କୁ ପଚାରିବାରେ ସେ କହିଛନ୍ତି, ଆମ ବ୍ଲକରେ ଟିକା ମହଜୁଦ୍ ରହିଛି। ସମସ୍ତ ଟିକାକରଣ କେନ୍ଦ୍ରରେ ୧୨ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ଟିକା ଦିଆଯାଉଛି। ତେବେ ଯେଉଁମାନେ ଗଜପତି ଯାଉଛନ୍ତି ସେମାନେ ସୁରଟ ଫେରନ୍ତା ନଚେତ୍ ସୁରଟ ଯିବାକୁ ଚାହୁଁଥିବେ। ଅପେକ୍ଷା ନ କରି ସେମାନେ ମୋହନା ଯାଉଛନ୍ତି ବୋଲି ସାନଖେମୁଣ୍ଡି ବିଡିଓ କହିଛନ୍ତି।

# କଲେଜ ଛକ, ଡିଆର୍‌ଡିଏ ଛକରେ ବଢୁଛି ଦୁର୍ଘଟଣା

ଛତ୍ରପୁର,୨।୯(ଡି.ଏନ.ଏ.)

ଓଭରବ୍ରିଜ ହେବା ଯାଏ ଟ୍ରାଫିକ ବ୍ୟବସ୍ଥା ଦାବି



ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିବା ପ୍ରତିନିଧି ଦଳ।

ଗଞ୍ଜାମ ଜିଲାର ସଦର ମହକୁମା ଛତ୍ରପୁର ସହର ଦେଇ ଯାଇଛି ୧୬ନଂ. ଜାତୀୟ ରାଜପଥ। ଏହି ରାଜପଥ ଦେଇ ଦୈନିକ ହଜାର ହଜାର ଭାରିଯାନ ଓ ଛୋଟବଡ଼ ଯାନବାହନ ଦ୍ରୁତଗତିରେ ଚଳାଚଳ କରୁଛି। ଯେଉଁଥିପାଇଁ ରାଜପଥର ବିଭିନ୍ନ ସଂଯୋଗସ୍ଥଳ ଛକ ଜାଗାଗୁଡିକରେ ବିପଦ ଲାଗି ରହୁଛି। ଛତ୍ରପୁର ସହରର ମୁଖ୍ୟ ସଂଯୋଗସ୍ଥଳ କଲେଜ ଛକ ଏବଂ ଡିଆରଡିଏ ଛକରେ ବିପଦ ଲାଗି ରହୁଛି। ଏହି ୨ ଛକରେ ଓଭରବ୍ରିଜ ନିର୍ମାଣ ନିମନ୍ତେ ବହୁବାର ଦାବି ହୋଇ ଆସିଥିବା ବେଳେ କେନ୍ଦ୍ରସରକାର କର୍ଣ୍ଣପାତ କରୁନାହାନ୍ତି। ଭାରତ ସରକାରଙ୍କ ଜାତୀୟ ରାଜପଥ ବିଭାଗ ଆନ୍ଧ୍ରପ୍ରଦେଶର ପ୍ରମୁଖ ଜିଲାଗୁଡିକରେ ଫ୍ଲାଏଓଭର ବ୍ରିଜ ଉପରେ ପ୍ରଥମ ପ୍ରାଧାନ୍ୟତା ଦିଆଯାଇଥିବା ବେଳେ ଏବେ ଓଡ଼ିଶାର ଖୋର୍ଦ୍ଧା ଜିଲାରୁ ଆରମ୍ଭ କରି ଗଞ୍ଜାମ ପୁଣ୍ଡେଁଲା ପର୍ଯ୍ୟନ୍ତ ଏହା କରାଯାଉଛି। ପୁଣ୍ଡେଁଲା ଠାରୁ ଗଞ୍ଜାମ-ଆନ୍ଧ୍ର ସୀମାନ୍ତ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା କରାଯାଇ ନ ଥିବାରୁ ଗଞ୍ଜାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଛତ୍ରପୁର କଲେଜ ଛକ ଏବଂ ଡିଆରଡିଏ ଛକ ଠାରେ ପ୍ରତିବର୍ଷ ବହୁ ସଂଖ୍ୟାରେ ଦୁର୍ଘଟଣା ଘଟୁଛି। ସରକାର ଓ ପ୍ରଶାସନ ଏ ଦିଗରେ ଧ୍ୟାନ ଦେଇ ଜନଗହଳିପୂର୍ଣ୍ଣ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପ୍ରତି ଦୃଷ୍ଟିଦେଇ କଲେଜ ଛକ ଏବଂ ଡିଆରଡିଏ ଛକଠାରେ ଖୁବଶୀଘ୍ର ଫ୍ଲାଏଓଭରବ୍ରିଜ ନିର୍ମାଣ କରିବାକୁ ଦାବି ହୋଇଛି। ଫ୍ଲାଏଓଭର ବ୍ରିଜ ନିର୍ମାଣ ହେବା ଯାଏଁ ଉକ୍ତ ଛକ ଜାଗାଗୁଡିକରେ ଟ୍ରାଫିକ ସାଙ୍କେତିକ ବିଭିନ୍ନ ବର୍ଣ୍ଣର ବତୀ ଲଗାଯିବା, ଟ୍ରାଫିକ ନିୟନ୍ତ୍ରଣ ପାଇଁ ଗାଇଡ଼ ପ୍ରବର୍ତ୍ତିତ ଲେଖା/ଫଳକ ଟଙ୍ଗାଯିବା, ଟ୍ରାଫିକ ପୋଲିସ, ଯୁବ-ସ୍ୱେଚ୍ଛାସେବୀ ପୋଲିସ ପହରା ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି। ଏ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍‌ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କଂଗ୍ରେସ ନେତା ଭାଗିରଥି ବେହେରା, କାଳିଆ ରାଉଳ, ଓକିଲ ରାମଚନ୍ଦ୍ର ବେହେରା ପ୍ରମୁଖଙ୍କ ଏକ ପ୍ରତିନିଧିଦଳ ସ୍ମାରକପତ୍ର ଦେଇଥିଲେ। ଏ ସମ୍ପର୍କରେ ଗଞ୍ଜାମ ଏସପିଙ୍କ ଦୃଷ୍ଟି ଆକର୍ଷଣ ମଧ କରାଯାଇଛି।

## ସଂକ୍ଷେପରେ

### ବାଲା ରାଜ୍ ନିର୍ମାଣ ଶ୍ରମିକ ମିଳିତ ସଂଘ ସଭାପତି

ଜୟପୁର, ୨।୯ (ନି.ପ୍ର.): ଜୟପୁର ନିର୍ମାଣ ଶ୍ରମିକ ମିଳିତ ସଂଘ ସଭାପତି ହେଲେ ବାଲା ରାଜ୍। ଶ୍ରମିକଙ୍କ ସମସ୍ୟା ଦୂର କରିବାକୁ ପ୍ରାଥମିକତା ଦେବେ ବୋଲି ସେ କହିଛନ୍ତି। ଶ୍ରମିକଙ୍କ ପାଇଁ ଅନେକ ସରକାରୀ ଯୋଜନା ରହିଛି। ତାହାକୁ ସେମାନଙ୍କ ନିକଟରେ ପହଞ୍ଚାଇବାକୁ କାମ କରିବେ ବୋଲି ରାଜ୍ କହିଛନ୍ତି। ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି। କାର୍ଯ୍ୟକାରୀ ସଭାପତି ସଞ୍ଜୀବ ସାଗର, ଉପସଭାପତି ପି.ସାହୁ, ମୋହନ ବାଘ ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ।

### ନାବାଳିକାଙ୍କୁ ଅପହରଣ, ବଳାତ୍କାର ଅଭିଯୋଗ ଅଭିଯୁକ୍ତ ଯୁବକ ଗିରଫ

ଜୟପୁର, ୨।୯ (ନି.ପ୍ର.): ଜୟପୁର ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଖାତିଗୁଡ଼ା ଥାନା ସୁରିପଦର ଗ୍ରାମର ହେମନ୍ତ ନାୟକ। ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ମା' ଗତ ୨୯ତାରିଖରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୨୧୦/୨୧ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ନାବାଳିକାଙ୍କୁ ଅପହରଣକରି ଦାମାପୁଟରେ ତାଙ୍କୁ ରଖି ବଳାତ୍କାର କରିଥିବା ପୋଲିସ ତଦନ୍ତରୁ ଜାଣିପାରିଥିଲା। ପୋଲିସ ନାବାଳିକାଙ୍କୁ ଉଦ୍ଧାର ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଉଭୟଙ୍କର ଡାକ୍ତରୀ ମାଇନା କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନାଧିକାରୀ ସଞ୍ଜୟ କୁମାର ମଣ୍ଡଳ କହିଛନ୍ତି।

### ଚୋରି ମାମଲାରେ ଜଣେ ଗିରଫ

ଜୟପୁର, ୨।୯ (ନି.ପ୍ର.): ଚୋରି ମାମଲାର ରହସ୍ୟ ଉନ୍ମୋଚନ କରିଛି ଟାଉନ ଥାନା ପୋଲିସ। ଏହି ମାମଲାରେ ପୋଲିସ ଖ୍ରୀଷ୍ଟିଆନ ସାହିର ଇସୁ ହିଆଲଙ୍କୁ ଗିରଫ କରିଛି। ପୋଲିସ ସୂଚନାନୁଯାୟୀ, ପ୍ରସାଦରାଓ ପେଟାର ଜି. ସତ୍ୟନାରାୟଣଙ୍କ ଘର ଛାତ ଉପରେ ଥିବା ପାଇପ, ଲୁହାରଡ୍ ଓ କାଠପଟା ଚୋରି ହୋଇଥିଲା। ଏ ନେଇ ସେ ୨୮ ତାରିଖରେ ଜୟପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ୨୧୨/୨୧ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ଇସୁଙ୍କ ସମ୍ପୃକ୍ତି ଜାଣିପାରି ପୋଲିସ ତାଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ଚୋରି ସାମଗ୍ରୀ ଜବତ କରାଯାଇଛି।

### ଖତଗଦାରେ ପଡ଼ି ଶିଶୁ ମୃତ

କୋଷାଗୁମୁଡା, ୨।୯(ଡି.ଏନ୍.ଏ.): ଖତ ଗଦାରେ ପଡି ଜଣେ ଶିଶୁର ଗୁରୁବାର ମୃତ୍ୟୁ ହୋଇଯାଇଛି। ସେ ହେଲେ ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଟେମରା ଗ୍ରାମର ହରେଶ ଭତରା (ଦୁଇ ବର୍ଷ)। ଗୁରୁବାର ହରେଶ ତାଙ୍କ ଆଈଙ୍କ ପଛେପଛେ ଗାଇ ଗୁହାଳକୁ ଘାସ ଯାଉଥିଲେ। ଏହି ସମୟରେ ପାଖରେ ଥିବା ଏକ ଖତ ଗଦାରେ ପଡି ସେ ପୋତି ହୋଇଯାଇଥିଲେ। ହରେଶ ପଛରେ ଆସୁଥିବାରୁ ତାଙ୍କ ଆଈ ଏ ସମ୍ପର୍କରେ ଜାଣି ପାରି ନ ଥିଲେ। ସନ୍ଧ୍ୟାବେଳେ ସେ ଖତ ଗଦାରେ ପଡିଥିବା ପରିବାର ଲୋକେ ଦେଖିଥିଲେ। ଉଦ୍ଧାର କରିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ପ୍ରତିଭା ଥାଇ ବି ନିରାଶ ଫୁଟ୍‌ବଲ ଖେଳାଳି

ଅରୁଣ କୁମାର ସାହୁ
ଦାରିଙ୍ଗବାଡି,୨।୯(ଡି.ଏନ୍.ଏ.)


ଗୋଷ୍ଠୀ ଖେଳ ପଡ଼ିଆ।

## ପ୍ରୋତ୍ସାହନ ଅଭାବ, ଭିତ୍ତିଭୂମି ନାହିଁ

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଅଞ୍ଚଳରେ ଫୁଟବଲ ଖେଳ ପ୍ରତି ଲୋକଙ୍କ ଆଗ୍ରହ ରହିଛି। ବହୁ ପ୍ରତିଭାବାନ୍ ଖେଳାଳି ମଧ୍ୟ ଅଛନ୍ତି। ହେଲେ ଫୁଟବଲ୍ ଖେଳ ପାଇଁ ଭିତ୍ତିଭୂମି, ଆବଶ୍ୟକ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ଅଭାବରୁ ସେମାନେ ନିଜ ପ୍ରତିଭା ପ୍ରଦର୍ଶନ କରିବା ସମ୍ଭବ ହେଉନାହିଁ। ଯାହାଫଳରେ ଖେଳାଳିଙ୍କୁ ନିରାଶ ହେବାକୁ ପଡୁଛି। ବିଭିନ୍ନ ଗ୍ରାମ, ବ୍ଲକ ଓ ଜିଲାସ୍ତରରେ ପ୍ରତିବର୍ଷ ଫୁଟବଲ୍ ଟୁର୍ନାମେଣ୍ଟ କରାଯାଉଥିଲେ ସୁଦ୍ଧା ତାହା କେବଳ ଜିଲା ମଧ୍ୟରେ ସୀମିତ ରହିଯାଉଛି। ସ୍ଥାନୀୟ ଖେଳାଳିଙ୍କୁ ପ୍ରଶିକ୍ଷଣ ଦିଆଗଲେ ସେମାନେ ଜାତୀୟ, ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତାକୁ ଯାଇପାରିବେ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

ଦାରିଙ୍ଗବାଡ଼ି ବ୍ଲକ ପାଙ୍ଗାଲି ଗ୍ରାମର ଛାତ୍ରୀ ରୁନି ନାୟକ ଗତ କିଛିବର୍ଷ ତଳେ ଭୁବନେଶ୍ୱରରେ ରହି ଏକ ଅନୁଷ୍ଠାନ ପକ୍ଷରୁ ପ୍ରଶିକ୍ଷଣ ପାଇ ଅନ୍ତର୍ଜାତୀୟସ୍ତରରେ ଖେଳିବା ସୁଯୋଗ ପାଇଥିବା ନଜିର ରହିଛି। ସେହିପରି କିଛିଦିନ ଦିନ ତଳେ ସିମନବାଡ଼ି ଗ୍ରାମର ଯୁବ ଗୋଷ୍ଠୀ ଏକ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ କରି ସଫଳତା ହାସଲ କରିଛନ୍ତି। ହେଲେ ଏହି ଉଦ୍ୟମ କେବଳ ଅଞ୍ଚଳର ଲୋକ ପ୍ରତିନିଧିଙ୍କ ସହାୟତା ସହ ଅଞ୍ଚଳବାସୀଙ୍କ ପ୍ରଚେଷ୍ଟାରେ ସମ୍ଭବ ହେଉଛି। ଜିଲା କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ଫୁଟବଲ ଖେଳ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରାଯାଉନାହିଁ କି ପ୍ରତିଭା ଖୋଜା ଯାଇପାରୁନାହିଁ। ଜି.ଉଦୟଗିରି ଠାରେ ରାଜ୍ୟ ସରକାର ଇନ୍‌ଡୋର ଷ୍ଟାଡିୟମ କରିବାକୁ ଘୋଷଣା କରିଛନ୍ତି। ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ବାଡାବାଙ୍ଗା, ଦାରିଙ୍ଗବାଡ଼ି ଆଦି ସ୍ଥାନରେ ରହିଥିବା ଗୋଷ୍ଠୀ ଖେଳ ପଡ଼ିଆଗୁଡ଼ିକର ଉନ୍ନତୀକରଣ କରାଯିବାକୁ ଯୋଜନା ପ୍ରସ୍ତୁତ କରାଯାଉଥିବା ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ମତ ରଖିଛନ୍ତି। ସେ ଏ ନେଇ ସ୍ଥାନୀୟ ବିଡିଓ କଳାକୃଷ୍ଣ ପ୍ରଧାନଙ୍କ ସହ ଆଲୋଚନା କରିଥିବା ଏବଂ ଶୀଘ୍ର ଫୁଟବଲ ଖେଳ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ବିଡିଓ ପ୍ରଧାନ କହନ୍ତି, ଖେଳାଳିଙ୍କୁ ପ୍ରୋତ୍ସାହନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। ଏକ ଯୋଜନାରେ ଗ୍ରାମୀଣ ଖେଳ ପଡ଼ିଆ ଗୁଡ଼ିକୁ ରୁପାନ୍ତରୀକରଣ କରାଯିବ। ଫଳରେ ଖେଳାଳିମାନେ ଖେଳ ଅଭ୍ୟସ କରିବା ସହଜ ହେବ ବୋଲି ସେ କହିଛନ୍ତି।

# ଅଭିଯୁକ୍ତ ସ୍ୱାମୀ ଗଲେ ଜେଲ

ଦିଗପହଣ୍ଡି,୨।୯(ଡି.ଏନ.ଏ.)

## ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଘଟଣା

ଦିଗପହଣ୍ଡି ବ୍ଲକ ଭ୍ରମରପୁର ଗ୍ରାମର ଏନ୍.ଗୌରୀଙ୍କୁ ଗୁରୁବାର କେ.ନୂଆଗାଁ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମାମଲା ନଂ.୧୬୮/୨୧ରେ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ଶନିବାର ରାତିରେ ଏନ୍.ଗୌରୀଙ୍କ ସ୍ତ୍ରୀ ଏନ୍. ମାମିଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ରବିବାର ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ସ୍ଥାନୀୟ ତହସିଲଦାର ଅମିତ କୁମାର ନାୟକଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପୋଲିସ ପଠାଇଥିଲା। କେ.ନୂଆଗାଁ ଥାନାରେ ଅପମୃତ୍ୟୁ ମାମଲା ନଂ.୯/୨୧ ରୁଜୁ ହୋଇଥିଲା। ପରେ ମାମିଙ୍କ ମାଆ କେ.ସିମନ୍ତିଙ୍କ ଏତଲା କ୍ରମେ ପୋଲିସ ଅଭିଯୁକ୍ତଙ୍କ ନାଁରେ ଯୌତୁକଜନିତ ହତ୍ୟା ମାମଲା ରୁଜୁ କରିଥିଲା। ତଦନ୍ତକାରୀ ପୋଲିସ ଅଧିକାରୀ ଶିଶିର କୁମାର ସାହାଣୀଙ୍କ ସୂଚନା ପ୍ରକାରେ ଭ୍ରମରପୁର ଗ୍ରାମ ବାଘମରା ସାହିର କେ.ଜଟଙ୍କ କନ୍ୟା ମାମିଙ୍କୁ ପ୍ରାୟ ୫ ବର୍ଷ ପୂର୍ବେ ଭ୍ରମରପୁର ଗ୍ରାମ ମଠ ସାହିର ଏନ୍.ସାକିଲିଙ୍କ ପୁଅ ଏନ୍.ଗୌରୀ ବିବାହ କରିଥିଲେ। ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କ ଦାବି ପ୍ରକାରେ ସମସ୍ତ ଯୌତୁକ ସାମଗ୍ରୀ ଦିଆଯାଇଥିଲା। ବିବାହ ପରଠାରୁ ଅଧିକ ଯୌତୁକ ପାଇଁ ତାଙ୍କୁ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି। ଘଟଣା ଦିନ ରାତିରେ ମାମିଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ମାମିଙ୍କ ମାଆ ଓ ଭାଇମାନେ ପୋଲିସ ନିକଟରେ ଅଭିଯୋଗ କରିଥିଲେ।

# ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ ଅନୁଧ୍ୟାନ କଲେ ବିଡିଏ ଉପାଧ୍ୟକ୍ଷ

ଛତ୍ରପୁର,୨।୯(ଡି.ଏନ.ଏ.)


ମାର୍କେଟ କମ୍ପ୍ଲେକ୍ସ କାମ ଅନୁଧ୍ୟାନ କରୁଛନ୍ତି ବିଡିଏ ଉପାଧ୍ୟକ୍ଷ।

ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସମୟରେ ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁର ସହରାଞ୍ଚଳକୁ ନେଇ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଗଠନ ହୋଇଥିଲା। ବର୍ତ୍ତମାନ ଏହି ୩ ସହରାଞ୍ଚଳରେ ଯେଉଁସବୁ ଉନ୍ନୟନ ଯୋଜନାରେ କାର୍ଯ୍ୟ ହେଉଛି, ତାହା ବିଡିଏ ଅଧୀନରେ ପରିଚାଳିତ ହେଉଛି। ତେବେ ବ୍ରହ୍ମପୁର ବିଡିଏ ଅଧିନସ୍ଥ ଏକ ବୃହତ୍ତମ ପ୍ରକଳ୍ପ ଛତ୍ରପୁର ଲୋଏର ବସଷ୍ଟାଣ୍ଡସ୍ଥିତ ବିଡିଏ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଆଜି ଯାଏଁ ସରିନାହିଁ। ଏହା ସମ୍ପୂର୍ଣ୍ଣ ହେବାକୁ ଆଉ ପ୍ରାୟ ୬ ମାସ ଲାଗିଯିବ। ୫ବର୍ଷ ତଳୁ ସେଠାରୁ ଦୋକାନୀଗୁଡିକୁ ଉଚ୍ଛେଦ କରାଯାଇଥିଲା। ଏଥିସହ ପୁରୁଣା କୋଠା ଭଙ୍ଗାଯାଇଥିଲା। ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ ଥଇଥାନ କରାଯାଇନି। ପ୍ରାୟ ୪ କୋଟି ଟଙ୍କା ବ୍ୟୟ ଅଟକଳରେ ହେଉଥିବା ମାର୍କେଟ କମ୍ପ୍ଲେକ୍ସକୁ ଭୁବନେଶ୍ୱରର ଏକ ସଂସ୍ଥା ପ୍ଲାନିଂ/ଯୋଜନା/ ଆକଳନ କରିଥିବା ବିଭାଗୀୟ ସୂତ୍ରରୁ କୁହାଯାଏ। ନିର୍ମାଣଧୀନ ଏହି ମାର୍କେଟ କମ୍ପ୍ଲେକ୍ସ କୋଠାର ଭିତ୍ତିଭୂମି, ମରାମତି ଅଗ୍ରଗତି ସମ୍ପର୍କରେ ବିଡିଏ କର୍ତ୍ତୃପକ୍ଷ ଗୁରୁବାର ଅନୁଧ୍ୟାନ କରିଛନ୍ତି। ବିଡିଏ ଉପାଧ୍ୟକ୍ଷ ତଥା ବ୍ରହ୍ମପୁର ମହାନଗର ନିଗମ କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ବୁଲି ଦେଖିବା ସହ ସର୍ବେକ୍ଷଣ କରି ଏହି କୋଠା ପ୍ରକଳ୍ପର ନିର୍ମାଣ ତ୍ୱରାନ୍ୱିତ କରିବାକୁ ଅଧସ୍ତନ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଶ୍ୱହିନ୍ଦୁ ପରିଷଦର ସ୍ଥାପନ ଦିବସ

କବିସୂର୍ଯ୍ୟନଗର,୨।୯ (ଡି.ଏନ୍.ଏ.)

କବିସୂର୍ଯ୍ୟନଗର ଭେଙ୍କଟେଶ୍ୱର ମନ୍ଦିର ପରିସରରେ ବିଶ୍ୱହିନ୍ଦୁ ପରିଷଦର ସ୍ଥାପନ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶହୀଦ ଦିବସ ଏବଂ ଶ୍ରୀରାମ ଜନ୍ମଭୂମି ମୁଖ୍ୟ ପୁରୋଧା ତଥା ଉତ୍ତର ପ୍ରଦେଶର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂଙ୍କ ଦ୍ୱାଦଶାହରେ ବହୁ ହିନ୍ଦୁ ପରିଷଦ ସଦସ୍ୟ କର୍ମକର୍ତ୍ତା ଏକତ୍ରିତ ହୋଇ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରିବା ସହ ତାଙ୍କ ଅବଦାନ ଉପରେ କହିଥିଲେ। ଏଥିରେ ବିଶ୍ୱହିନ୍ଦୁ ପରିଷଦର ଜିଲା ଉପସଭାପତି ଇ.ମାହେଶ୍ୱରୀ ଦୋରା, ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ମୁରଲୀଧର ପଣ୍ଡା, ଜିଲା ସମ୍ପାଦକ ବଟକୃଷ୍ଣ ପଣ୍ଡା, କେ.ପୁରୁଷୋତ୍ତମ, ରାଜକୁମାର ଭୋଶଲେ ଓ ଯଦୁମଣି ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପ୍ରତିଷ୍ଠା ଦିବସର ତାତ୍ପର୍ଯ୍ୟ ଓ ମହାନ ନାୟକଙ୍କ ଦେଶ ପାଇଁ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବିସୂର୍ଯ୍ୟନଗର ବିଧାୟକ ପ୍ରାର୍ଥୀ ରଞ୍ଜନ ପୋଲାଇ, ବିପ୍ରଚରଣ ପ୍ରଧାନ ଗୁରୁଜୀ, ମୁରଲୀଧର ପାଣିଗ୍ରାହୀ, ପୀତବାସ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ଶ୍ରୀମନ୍ଦିରକୁ ଚନ୍ଦନକାଠ ଦାନକଲେ ସକଳେଶ୍ୱର



ପୁରୀ ଅଫିସ୍,୨।୯

ଗଞ୍ଜାମ ଜିଲା ଖଲ୍ଲିକୋଟ ବଜାର ନିବାସୀ ସକଳେଶ୍ୱର ରଥ ଶ୍ରୀମନ୍ଦିରକୁ ପ୍ରାୟ ୨ କୁଇଣ୍ଟାଲ ଓଜନର ଚନ୍ଦନ କାଠ ଦାନ କରିଛନ୍ତି। ନିଜ ଘରବାଡ଼ିରେ ଥିବା ଚନ୍ଦନକାଠକୁ ଦାନ କରିବା ଉଦ୍ଦେଶ୍ୟରେ ଦୁଇବର୍ଷ ତଳୁ ସେ ଶ୍ରୀମନ୍ଦିର ପ୍ରଶାସନ ସହ ଯୋଗାଯୋଗରେ ରହିଥିଲେ। ଗୁରୁବାର ସକଳେଶ୍ୱର ପିତା ଆର୍ତ୍ତତ୍ରାଣ ରଥଙ୍କ ସମେତ ପରିବାର ସହିତ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଞ୍ଚି ଚନ୍ଦନକାଠ ଦାନ କରିଛନ୍ତି। ଏଥିରେ ଚନ୍ଦନ ଗଛର ଗଣ୍ଡି ଅଂଶର ୧୭ ଖଣ୍ଡ, ଶାଖା ୨୨ ଖଣ୍ଡ, ମୂଳ ୯ ଖଣ୍ଡ ଓ କାଟିବା ବେଳେ ବାହାରିଥିବା ୩ କିଲୋଗ୍ରାମର ଛେଲି ରହିଛି। ସରକାରୀ ନିୟମ ଅନୁଯାୟୀ ଗଛ କାଟି ଆବଶ୍ୟକ ମାପଚୁପ କରାଯାଇଛି। ସଂପୃକ୍ତ କାଠକୁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ରଖାଯାଇଥିବା ବେଳେ ଏହା ମହାପ୍ରଭୁଙ୍କ ସେବାରେ ଲାଗିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସକଳେଶ୍ୱର କହିଛନ୍ତି, ମହାପ୍ରଭୁଙ୍କ ସେବାରେ ସାମାନ୍ୟତମ ସହଯୋଗ କରିବାର ସୌଭାଗ୍ୟ ମୋତେ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି। ପୂର୍ବରୁ ମଧ୍ୟ ପୁରୀ ଜିଲାର ବିଭିନ୍ନ ସ୍ଥାନରେ ଚନ୍ଦନ ଚାରା ବଣ୍ଟନ କରିଛି। ମୋ' ପରିବାର ଉପରେ ମହାପ୍ରଭୁଙ୍କ କରୁଣା ଦୃଷ୍ଟି ରହୁ ବୋଲି କାମନା କରୁଛି। ଏହି ଅବସରରେ ଖଲ୍ଲିକୋଟ ବନଖଣ୍ଡ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସାହୁ, ଶ୍ରୀମନ୍ଦିର ରାଜସ୍ୱ ଉପପ୍ରଶାସକ ସୁବ୍ରତ କୁମାର ବେହେରା, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଛେଲିଗଡ଼ ପ୍ରକଳ୍ପ ବିସ୍ଥାପିତଙ୍କ ସହ ଆଲୋଚନା କଲେ ଆର୍‌ଡିସି


ଜଳସମ୍ପଦ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ଆର୍‌ଡିସି।

ଦିଗପହଣ୍ଡି,୨।୯(ଡି.ଏନ.ଏ.)

ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି) ଟି. ଆଓ ଗୁରୁବାର ଦିଗପହଣ୍ଡି ଗସ୍ତ କରି ଖମାରି ଗାଁ ପଞ୍ଚାୟତ ଗଡ ସାମନ୍ତରାପୁର ଗ୍ରାମ ନିକଟ ଛେଲିଗଡ଼ ଜଳସେଚନ ପ୍ରକଳ୍ପ ବିସ୍ଥାପିତ କଲୋନୀ କୃପାମୟପୁର ପରିଦର୍ଶନ କରିଥିଲେ। ସେଠାରେ ରହୁଥିବା ବିସ୍ଥାପିତ ପରିବାରର ସହ ସେମାନଙ୍କ ସମସ୍ୟା ବୁଝିଥିଲେ। ସାଧାରଣ ମୌଳିକ ସମସ୍ୟା ସମାଧାନ ପାଇଁ ଜଳସମ୍ପଦ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ସମ୍ପର୍କରେ ବିସ୍ଥାପିତ ପରିବାରର ମୁଖିଆମାନେ ଆର୍‌ଡିସିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତ ଅଭିଯୋଗ ଶୁଣିବା ପରେ ଆର୍‌ଡିସି କ୍ଷୁବ୍ଧ ହେବା ସହ ଅତିଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆର୍‌ଡିସିଙ୍କୁ ଛେଲିଗଡ଼ ପ୍ରକଳ୍ପର ହେଡ ୱାସ ଡିଭିଜନ କାର୍ଯ୍ୟାଳୟର ସହକାରୀ ନିର୍ବାହୀ ଯନ୍ତ୍ରୀ ଦେବାଶିଷ ନାୟକ, କନିଷ୍ଠ ଯନ୍ତ୍ରୀ ଜୟନ୍ତ ନାୟକ ଏବଂ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ରାଜେନ୍ଦ୍ର କୁମାର ରଣଜିତ, ଅତିରିକ୍ତ ଜମି ଅଧିଗ୍ରହଣ ଅଧିକାରୀ ବିବେକାନନ୍ଦ ମିଶ୍ର ଉପସ୍ଥିତ ରହି ବିସ୍ଥାପନ କଲୋନୀ ନିର୍ମାଣ ଏବଂ ସେମାନଙ୍କ ଥଇଥାନ ନିମନ୍ତେ ସରକାରଙ୍କ ଆର୍ଥିକ ସହାୟତା ସମ୍ପର୍କିତ ବିସ୍ତୃତ କାର୍ଯ୍ୟ ଖସଡ଼ା ସମ୍ପର୍କରେ ଅବଗତ କରାଇଥିଲେ। ପରେ ଆର୍‌ଡିସି ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତ ବାବୁଲି ବନ୍ଧ ଗ୍ରାମ ନିକଟ ବାଲିପାଟ ଏବଂ ଚାକୁଣ୍ଡା ପଲ୍ଲୀ ମୌଜାରେ ଅନ୍ୟ ୨ଟି ବିସ୍ଥାପନ କଲୋନୀ ପାଇଁ ଚିହ୍ନଟ ଜମି ବୁଲି ଦେଖିବା ସହ ଉପସ୍ଥିତ ଜଳସମ୍ପଦ ଅଧିକାରୀ ମାନଙ୍କ ସହ ସବିଶେଷ ଆଲୋଚନା କରିଛନ୍ତି।

# ଗରିବ, ଅସହାୟଙ୍କୁ ସହାୟ ହେବ ବସ୍ତ୍ର ଉପହାର

ବ୍ରହ୍ମପୁର ଅଫିସ୍,୨।୯



ବସ୍ତ୍ର ଉପହାର କେନ୍ଦ୍ର।

ବ୍ରହ୍ମପୁର ସହରରେ ଥିବା ଗରିବ ଓ ଅସହାୟଙ୍କୁ ସହାୟତାର ହାତ ବଢାଇବା ନିମନ୍ତେ ବ୍ରହ୍ମପୁର ମହାନଗର ନିଗମ ଅଭିନବ ଉପାୟ ଆରମ୍ଭ କରିଛି। ବିଏମ୍‌ସି ପକ୍ଷରୁ ସହରର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ନିକଟରେ ବସ୍ତ୍ର ଉପହାର କେନ୍ଦ୍ର ଖୋଲାଯାଇଛି। ଯାହାକି ସ୍ୱାୟତ୍ତ ଶାସନ ଦିବସ ଅବସରରେ ଉଦ୍‌ଘାଟିତ ହୋଇସାରିଛି। ସହରର ବିଭିନ୍ନ ସ୍ଥାନରେ ବିଏମ୍‌ସି ପକ୍ଷରୁ ଦୟାର ପ୍ରାଚୀର କରାଯାଇଥିବା ବେଳେ ବର୍ତ୍ତମାନ ବିଏମ୍‌ସି ପକ୍ଷରୁ ନିର୍ମାଣ କରାଯାଇଥିବା ଏହି ବସ୍ତ୍ର ଉପହାର ଅଧିକ ଉପଯୋଗୀ ହେବ ବୋଲି ଆଶା କରାଯାଉଛି। ଯେଉଁଠାରେ ଗରିବ ଓ ଅସହାୟଙ୍କୁ ମାଗଣାରେ ପୋଷାକ ପ୍ରଦାନ କରାଯିବା ପାଇଁ ଏହି କେନ୍ଦ୍ରଟି ଉପଲବ୍ଧ। ଏହି କୋଠାକୁ ବିଏମ୍‌ସି ପକ୍ଷରୁ ୧୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି ବୋଲି ବିଏମ୍‌ସି ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ରଞ୍ଜନ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏଠାରେ ୪ଟି କୋଠରି ରହିଛି। ଯେଉଁଠାରେ ସହରବାସୀ ପୁରୁଣା ବସ୍ତ୍ରକୁ ଆଣି ଏଠାରେ ଦେଇପାରିବେ। ଏହି ପୁରୁଣା ବସ୍ତ୍ରକୁ ସଫା କରିବା ନିମନ୍ତେ ସଫେଇ ଯନ୍ତ୍ର ରଖାଯାଇଛି। ପୁରୁଣା ବସ୍ତ୍ରଗୁଡିକୁ ସଫା କରିବା ପରେ ଯଦି କିଛି ଚିରା ଫଟା ଥାଏ ତେବେ ତାହାକୁ ସିଲେଇ କରିବା ନିମନ୍ତେ ମଧ୍ୟ ବ୍ୟବସ୍ଥା ରହିଛି। ଏହାପରେ ଏହାକୁ ସଫା କରାଯାଇ ଇସ୍ତ୍ରି କରାଯିବା ପାଇଁ ବ୍ୟବସ୍ଥା ମଧ୍ୟ ରହିଛି। ଏହାପରେ ଏହା ଅସହାୟ ଲୋକଙ୍କ କ୍ଷେତ୍ରରେ ସହାୟକ ହୋଇପାରିବ। ପୁରୁଣା ବସ୍ତ୍ର ପିଛା ସମସ୍ତ ଖର୍ଚ୍ଚ ବିଏମ୍‌ସି ବହନ କରିବ ବୋଲି ଡେପୁଟି କମିଶନର ରୋମାଞ୍ଚଳ ଖମାରୀ ସୂଚନା ଦେଇଛନ୍ତି।

ଏଥିପାଇଁ କିଛି ସ୍ୱେଚ୍ଛାସେବୀ ସଂଗଠନ ସାମିଲ ହେବେ। ଯେଉଁମାନେ ଏହି କାର୍ଯ୍ୟ ତୁଲାଇବେ ବୋଲି ଜଣାପଡିଛି। ବ୍ରହ୍ମପୁର ଭଳି ଗଞ୍ଜାମ ଜିଲାର ହିଞ୍ଜିଳିକାଟୁଠାରେ ଏଭଳି ଏକ ବସ୍ତ୍ର ଉପହାର କେନ୍ଦ୍ର ରହିଛି।

# ଜାତୀୟ ପୋଷଣ ସପ୍ତାହ

ଦାରିଙ୍ଗବାଡ଼ି,୨।୯(ଡି.ଏନ.ଏ)



ପୋଷଣ ରଥ ଉଦଘାଟନ କରାଯାଉଛି।

ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଜାତୀୟ ପୋଷଣ ସପ୍ତାହ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ବିଡିଓ କଳାକୃଷ୍ଣ ପ୍ରଧାନ, ତହସିଲଦାର ଚାର୍ଲସ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକ ଅଞ୍ଚଳର ୨୫ ପଞ୍ଚାୟତରେ ପୋଷଣ ବାର୍ତ୍ତା ପହଞ୍ଚାଇବା ପାଇଁ ପୋଷଣ ରଥ ଶୁଭାରମ୍ଭ କରାଯାଇଛି। ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋଷଣ ସମ୍ପର୍କିତ ଆଲୋଚନା କରାଯିବା ସହ ଜନସଚେତନତାକୁ ଗୁରୁତ୍ୱ ଦିଆଯାଇଥିଲା। ଗ୍ରାମାଞ୍ଚଳରେ ଗର୍ଭବତୀ, ଶିଶୁ ଓ କିଶୋରୀ କିଶୋରମାନଙ୍କ ପୋଷଣ ଜନିତ ସମସ୍ୟାକୁ ସମାଧାନ ପାଇଁ ବ୍ୟାପକ କ୍ଷୁଦ୍ରଦାନା ଶସ୍ୟ ଚାଷ ସହ ଏହାର ଘରୋଇ ବ୍ୟବହାର କରାଯିବାକୁ ସଚେତନ କରାଯାଉଛି। ଏଥିସହ କ୍ଷୁଦ୍ରଦାନା ଶସ୍ୟରେ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ତାଲିମ ଦିଆଯାଉଛି। ଡେମୋ ଭାବେ ପ୍ରସ୍ତୁତ ଖାଦ୍ୟ ବଣ୍ଟାଯାଉଛି। ଏପରି କାର୍ଯ୍ୟକ୍ରମ ଏକ ସପ୍ତାହ ଧରି ଚାଲିବ ବୋଲି ରାଜ୍ୟ ସରକାରଙ୍କ ସହ ସହଭାଗିତାରେ ମିଲେଟ ମିଶନ ଯୋଜନାରେ ଅଞ୍ଚଳରେ କ୍ଷୁଦ୍ରଦାନା ଚାଷକୁ ହାତକୁ ନେଇଥିବା ସ୍ୱେଚ୍ଛାସେବୀ ଜାଗୃତି ଅନୁଷ୍ଠାନର ସମ୍ପାଦକ ଦଣ୍ଡପାଟ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ କୃଷି ଅଧିକାରୀ ବୃନ୍ଦାବନ ବେହେରା,ଅତିରିକ୍ତ କୃଷି ଅଧିକାରୀ କ୍ଷତବଳାସ ବେହେରା, ପାହାଡ଼ି କୃଷକ ଉତ୍ପାଦକ କମ୍ପାନୀର ସଭାପତି ଶରତ ଚନ୍ଦ୍ର ପ୍ରଧାନ, ମିଶନ ଶକ୍ତି ସଂଯୋଜିକା ଶକୁନ୍ତଳା ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ରାଧାମୋହନପୁରରେ ପାଇପ ବିଛା କାର୍ଯ୍ୟ ଅଧାପନ୍ତରିଆ

ଗୋପାଳପୁର,୨।୯(ଡି.ଏନ.ଏ.)


ଅଧାପନ୍ତରିଆ ରାସ୍ତା।

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ରାଧାମୋହନପୁରରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ ହୋଇ ବନ୍ଦ ରହିଛି। ଫଳରେ ଗ୍ରାମବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସୂଚନାନୁସାରେ, ଏହି ଥାନା ଅନ୍ତର୍ଗତ ରାଧାମୋହନପୁର ଗ୍ରାମରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଜନୈକ ଠିକାଦାର ଜେସିବି ଦ୍ୱାରା ରାସ୍ତା ଖୋଳି ପାଇପ ପକାଇଥିଲେ। ତେବେ ଉକ୍ତ ରାସ୍ତାରେ ମାଟି ନ ଘୋଡ଼ାଇ ଅଧାପନ୍ତରିଆ ଭାବେ ଛାଡ଼ି ଦେଇଛନ୍ତି। ଉକ୍ତ ରାସ୍ତା ଦେଇ ୩ ରୁ ୪ଟି ଗ୍ରାମକୁ ଗ୍ରାମବାସୀ ଯାତାୟାତ କରିଥାନ୍ତି। ଫଳରେ ରାସ୍ତାଗୁଡ଼ିକ ସଂକୀର୍ଣ୍ଣ ହେବା ସହ ଛୋଟବଡ଼ ଦୁର୍ଘଟଣା ଘଟି ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷ ଓ ଠିକାଦାରଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ନେଇ ଅଭିଯୋଗ ହୋଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

